ଧାରଣ କରେ । ଫଳଗୁଡ଼ିକ ଛୋଟ ହୋଇଥାଏ ଓ ପ୍ରାୟତଃ ଅପରିପକ୍ୱ ରହେ । ଯଦି ଫଳରେ ମଞ୍ଜି ହୁଏ, ମଞ୍ଜି ଗୁଡ଼ିକ ଅପେକ୍ଷାକୃତ ଛୋଟ ହୋଇଥାଏ ।



**ପରିଚାଳନା :**

* ଆକ୍ରାନ୍ତ ହୋଇଥିବା ଗଛମାନଙ୍କୁ ଜମିରୁ ଉପାଡ଼ି ବାହାର କରି ଦିଅନ୍ତୁ ଓ ଦୂର ସ୍ଥାନରେ ପୋତି ଦିଅନ୍ତୁ ।

* କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡ଼ି.ଏସ୍.ରେ ବିହନ ବିଶୋଧନ କରାଯିବା ଆବଶ୍ୟକ ।

* ଇମିଡ଼ାକ୍ଲୋପ୍ରିଡ୍ ୭୦% ଡ଼ବ୍ଲ୍ୟୁ.ଏସ୍. କିମ୍ବା ଥାୟୋମିଥୋକାମ୍ ୭୦% ଡ଼ବ୍ଲ୍ୟୁ.ଏସ୍.ରେ ବିହନ କି.ଗ୍ରା. ପ୍ରତି ୫-୭ ଗ୍ରାମ୍ ମିଶାଇ ବିହନ ବିଶୋଧନ କଲେ ମୁଗ ଓ ବିରି ଫସଲରେ ଶୋଷକପୋକ ଲାଗିବା ସମ୍ଭାବନା କମ୍ ଥାଏ ।

* ହେକ୍ଟର ପ୍ରତି ୧୦୦୦ ମି.ଲି. ଡ଼ାଇମିଥୋଏଟ୍ ୩୦% ଇ.ସି. କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ.ଏଲ. କିମ୍ବା ୧୫୦ ଗ୍ରାମ୍ ଥାୟୋମିଥୋକାମ୍ ୨୫% ଡ଼ବ୍ଲ୍ୟୁ.ଜି. ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କଲେ ଏହି ରୋଗରୁ ରକ୍ଷା ମିଳେ ।

### ୬. କଳଙ୍କି ରୋଗ :



ଏହି ରୋଗ ହେଲେ ପତ୍ର ଉପରେ ବାଦାମୀ ରଙ୍ଗର କଳଙ୍କି ଦାଗମାନ ଦେଖାଯାଏ । ଆକ୍ରାନ୍ତ ପତ୍ରଗୁଡ଼ିକ ହଳଦିଆ ପଡ଼ି ଝଡ଼ିଯାଏ ।

**ପରିଚାଳନା :**

ଏହି ରୋଗ ହେଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ (୫୦%) ଡ଼ବ୍ଲ୍ୟୁ.ଡ଼ି.ପି. କିମ୍ବା ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ (୧୨%) + ମାନକୋଜେବ୍ (୬୩%) ଡ଼ବ୍ଲ୍ୟୁ.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

-୦-୦-୦-୦-୦-

# ଡ଼ାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାହାର ନିରାକରଣ





**ଓଡ଼ିଶା ଡ଼ାଲିଜାତୀୟ ଫସଲ ଯୋଜନା**
**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା,**
**ଏବଂ**
**ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ, ନୂଆଦିଲ୍ଲୀ**


**International Center for Agricultural Research in the Dry Areas (ICARDA)**
South Asia & China Regional Program (SACRP)
NASC Complex, Pusa Campus, DPS Marg, New Delhi-110012
Phone : +91(11)25847505; Fax : +91(11)25847503

## ଡ଼ାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାହାର ନିରାକରଣ :

### ୧. ପତ୍ରଚିତା ଓ ପତ୍ରପୋଡ଼ା ରୋଗ :



ଏହା ବିରି ଓ ମୁଗରେ ବିଶେଷ ଭାବେ ଦେଖାଯାଇଥାଏ । ଗୋଲାକାରରୁ ଅଣ୍ଡାକୃତି ଏବଂ ଅନିୟମିତ କଳାବାଇଗଣି ରଙ୍ଗର ଚିହ୍ନ ପତ୍ରର ଉଭୟ ପାର୍ଶ୍ୱରେ ଦେଖାଦେଇଥାଏ । ଏହା କ୍ରମଶଃ ହଳଦିଆ ପଡ଼ି ଶୁଖିଯାଏ ଓ ଶେଷକୁ ଖସିପଡ଼େ ।

**ପରିଚାଳନା :** କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଡ଼ି.ଏସ୍. ପ୍ରତି କି.ଗ୍ରା. ବିହନରେ ୨ ଗ୍ରାମ୍ ହିସାବରେ ମିଶାଇ ବିହନ ବିଶୋଧନ କରାଯିବା ଆବଶ୍ୟକ ।

ମାନକୋଜେବ ୭୫% ଡ଼ବ୍ଲ୍ୟୁ.ପି. ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ଲେଖାଏଁ ମିଶାଇ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରାଯାଏ ।

### ୨. ଚେରପଚା ଓ କାଣ୍ଡ ପଚାରୋଗ :




ଯେତେବେଳେ ମାଟି ଯଥେଷ୍ଟ ଓଦାଥାଏ ଗଛର ଚେର ଅଗ୍ରଭାଗରୁ ପାଚିଯାଏ । ମାଟିର ଠିକ୍ ଉପରକୁ ମୂଳ ପାଖରେ ପଚିଯାଏ, ସଢ଼ା ମୂଳଟି କଳା ଦେଖାଯାଏ ଓ ଶେଷରେ ଗଛଟି ସମ୍ପୂର୍ଣ୍ଣ ମରିଯାଏ । ଏପରି ପରିସ୍ଥିତିରେ ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଆବଶ୍ୟକ ।

**ପରିଚାଳନା :**

* ଗଛର ମୂଳଭାଗକୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ୍ ମେଟାଲାକ୍ସିଲ୍ (୮%) + ମାନକୋଜେବ୍ (୬୪%) ଡ଼ବ୍ଲ୍ୟୁ.ପି. କିମ୍ବା ୨ ଗ୍ରାମ୍ କାର୍ବାଣ୍ଡିଜିମ୍ (୮%) + ମାନକୋଜେବ୍ (୬୩%) ଏକଲିଟର ପାଣିରେ ମିଶାଇ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରାଯାଏ ।

* ହେକ୍ଟର ପ୍ରତି ୨୫୦ କି.ଗ୍ରା. ନିମ୍ବ ପିଡ଼ିଆ ଶେଷ ଓଡ଼ ଚାଷ ପୂର୍ବରୁ ମାଟିରେ ପକାଇ ଚାଷ କରି ମାଟିରେ ମିଶାଇ ଦେଲେ ଏହି ରୋଗରୁ ରକ୍ଷା ମିଳିଥାଏ ।

* ଏକ ହେକ୍ଟରକୁ ୫୦ କି.ଗ୍ରା. ଖତସାର ସହିତ ୫ କି.ଗ୍ରା. ''ଟ୍ରାଇକୋଡ଼ର୍ମା ଭିରିଡ଼େ'' କିମ୍ବା ''ଟ୍ରାଇକୋଡ଼ର୍ମା ହାର୍‌ଜିଆନମ୍'' ମୁଖ୍ୟ ଚାଷ ଜମିରେ ପ୍ରୟୋଗ କରନ୍ତୁ ।

### ୩. ପାଉଁଶିଆ ରୋଗ :



ଏହି ରୋଗ ହେଲେ ଧୂସର ଓ ଧଳା ପାଉଁଶ ଦାଗ ପତ୍ରସାରା ମାଡ଼ିଯାଏ । ପତ୍ର ଓ କାଣ୍ଡ ଉପରେ ପାଉଡର ବିଞ୍ଚି ହୋଇ ପଡ଼ିବା ପରି ଦେଖାଯାଏ । ଥଣ୍ଡା ଓ ଶୁଖିଲା ପାଗରେ ଏହି ରୋଗ ଅଧିକ ହୁଏ । କମ୍ ବୟସରେ ଗଛରେ ପାଉଁଶିଆ ରୋଗ ଦେଖାଦେଇଥିଲେ ବି ଛୁଇଁ ଧରିବା ସମୟରେ ବିରି, ମୁଗରେ ଯଥେଷ୍ଟ କ୍ଷତି କରିଥାଏ ।

**ପରିଚାଳନା :**

ଏହାର ଦମନ ପାଇଁ ସଲଫର ୮୫% ଗୁଣ୍ଡ ହେକ୍ଟର ପ୍ରତି ୨୫ କି.ଗ୍ରା. ପ୍ରୟୋଗ କିମ୍ବା ସଲଫର୍ ୮୦% ଡ଼ବ୍ଲ୍ୟୁ.ପି. ଏକ ଲିଟର ପାଣିରେ ୪ ଗ୍ରାମ୍ ହିସାବରେ ମିଶାଇ ସିଞ୍ଚନ କରାଯାଏ । ଏକ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଥାୟୋଫେନେଟ୍ ମିଥାଇଲ ୭୦% ଡ଼ବ୍ଲ୍ୟୁ.ପି. କିମ୍ବା ୩ ଗ୍ରାମ୍ ମାନକୋଜେବ୍ ୭୫% ଡ଼ବ୍ଲ୍ୟୁ.ପି. କବକ ନାଶକ ପତ୍ର ସିଞ୍ଚନ କରି ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରେ ।

### ୪. ବୀଜାଣୁ ଜନିତ ପତ୍ର ପୋଡ଼ା ରୋଗ :

ପତ୍ରରେ ହଳଦିଆ ବଳୟ ମଝିରେ ମାଟିଆ ଦାଗ ସହିତ ଫଳ ଓ କାଣ୍ଡରେ ନାଲି ଯାଦୁଆ ରଙ୍ଗ ଦେଖାଯାଏ ।

**ପରିଚାଳନା :** ନିରୋଗ ମଞ୍ଜି ସଂଗ୍ରହ କରି ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ କିମ୍ବା ୧୨୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ସେଥିରେ ଲଗାଇବା ପୂର୍ବରୁ ମଞ୍ଜିକୁ ୪ ଘଣ୍ଟା ବତୁରାଇ ବିଶୋଧନ କରାଯାଏ ।

### ୫. ସାହେବୀ ରୋଗ :

ଏହି ରୋଗ ଯୋଗୁଁ ଗଛର ପତ୍ର ହଳଦିଆ ଦେଖାଯାଏ । ପତ୍ରରେ ହଳଦିଆ ସବୁଜ ଛାପା ଛାପା ଦାଗ ଦେଖାଯାଏ । ଏହା ଏକ ଭୂତାଣୁ ଜନିତ ରୋଗ ଓ ଧଳାମାଛି ହେଉଛି ଏହି ରୋଗର ବାହକ । ଆକ୍ରାନ୍ତ ଗଛଗୁଡ଼ିକ ପରବର୍ତ୍ତୀ ଅବସ୍ଥାରେ ବଢ଼ି କମ୍ ସଂଖ୍ୟକ ଫୁଲ ଓ ଫଳ ଧାରଣ କରେ । ଫଳଗୁଡ଼ିକ ଛୋଟ ହୋଇଥାଏ ଓ ପ୍ରାୟତଃ ଅପରିପକ୍ୱ ରହେ । ଯଦି